# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 13 October – 2026

********************************

## ମୁଖ୍ୟ ସମ୍ବାଦ

- ଦେଶର ଶାସନ ପ୍ରଣାଳୀ ଓ କାର୍ଯ୍ୟସଂସ୍କୃତିରେ ଜନସାଧାରଣଙ୍କ ସଶକ୍ତିକରଣ ଉପରେ ଗୁରୁତ୍ୱ ଦିଆଯାଉଛି, କହିଲେ ପ୍ରଧାନମନ୍ତ୍ରୀ

- ଭୁବନେଶ୍ୱରରେ ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ଆବାସ ଯୋଜନା ହିତାଧିକାରୀଙ୍କୁ ଗୃହ ଆବଣ୍ଟନ କଲେ ମୁଖ୍ୟମନ୍ତ୍ରୀ

- ଦୀପାବଳି ପରେ ବ୍ୟବସାୟ ନେଣଦେଣ କ୍ଷେତ୍ରରେ ଲାଗୁ ହେବ ୟୁପିଆଇ ଶୁଳ୍କ

- ନବରାତ୍ରର ତୃତୀୟ ଦିନରେ ଆଜି ଶ୍ରଦ୍ଧା ଓ ଭକ୍ତିର ସହ ଚାଲିଛି ମା' ଚନ୍ଦ୍ରଘଣ୍ଟାଙ୍କ ପୂଜାର୍ଚ୍ଚନା

ଏବଂ

- 'ପରିବାରରୁ ପ୍ରସ୍ତୁତି ଆରମ୍ଭ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ

# ପ୍ରଧାନମନ୍ତ୍ରୀ

ଭାରତ ନିଜର ଶାସନ ପ୍ରଣାଳୀ ଓ କାର୍ଯ୍ୟ ସଂସ୍କୃତିରେ ଜନସାଧାରଣଙ୍କ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ ବ୍ଲୁମବର୍ଗ ନିଉ ଇକୋନମି ଫୋରମ୍‌ରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ପ୍ରଗତି, ସାମୂହିକ ବିକାଶ ଏବଂ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ ଉପରେ ନିହିତ ରହିଛି । କ୍ଷମତା କେବଳ ଆଗକୁ ବଢ଼ିବାର ସାମର୍ଥ୍ୟ ନୁହେଁ, ବରଂ ଅନ୍ୟମାନଙ୍କୁ ସଶକ୍ତ କରିବାର ମାଧ୍ୟମ । ବର୍ତ୍ତମାନ ସମୟରେ ଡିଜିଟାଲ୍ ଶକ୍ତି ପରିବର୍ତ୍ତନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି । ଲକ୍ଷ୍ୟ ହାସଲ କରିବା ଦିଗରେ ଏହାର ପ୍ରମୁଖ ଭୂମିକା ରହିଛି । ଭାରତରେ ଡିଜିଟାଲ୍ ଶକ୍ତି ଅଧିକ ସୁଯୋଗ ସୃଷ୍ଟି କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**- V/O -**

ପ୍ରଧାନମନ୍ତ୍ରୀ କହିଛନ୍ତି, ଜାମ୍ ଟ୍ରିନିଟି ଓ ଡିବିଟି ମାଧ୍ୟମରେ ସରକାରୀ ସହାୟତା ସିଧାସଳଖ ହିତାଧିକାରୀଙ୍କ ଖାତାରେ ପହଞ୍ଚୁଛି ।

ଭାରତ ୨୦୩୦ ମସିହା ସୁଦ୍ଧା ବିଦ୍ୟୁତ୍ କ୍ଷମତାର ୪୦ ପ୍ରତିଶତ ଅଣଜୀବାଶ୍ମ ଇନ୍ଧନ ଉତ୍ସରୁ ହାସଲ କରିବା ଲକ୍ଷ୍ୟକୁ ୯ ବର୍ଷ ପୂର୍ବରୁ ପୂରଣ

କରିସାରିଛି । ୨୦୧୪ ମସିହାରେ ଦେଶର ଅକ୍ଷୟଶକ୍ତି କ୍ଷମତା ୭୫ ଗିଗାୱାଟ ଥିବା ବେଳେ ବର୍ତ୍ତମାନ ଏହା ୩୦୦ ଗିଗାୱାଟରେ ପହଞ୍ଚିଛି । ପିଏମ୍ ସୂର୍ଯ୍ୟଘର, ପିଏମ୍ କୁସୁମ ଚାଷୀମାନଙ୍କୁ ସୌରଶକ୍ତି ସହ ଯୋଡ଼ିବା, ଚାଷଖର୍ଚ୍ଚ ଓ କାର୍ବନ ନିର୍ଗମନ ହ୍ରାସରେ ସହାୟକ ହେଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ବିଶ୍ୱରେ ଶକ୍ତିଶାଳୀ ହେବାର ପ୍ରତିଯୋଗିତା ମଧ୍ୟରେ ଭାରତ ଏକ ଭିନ୍ନ ଆଭିମୁଖ୍ୟ ଆପଣେଇଛି । ଏକବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧି ବିଶ୍ୱ ସମ୍ମୁଖରେ ଅଭୂତପୂର୍ବ ଆହ୍ୱାନ ଆଣିଥିବା ବେଳ ଭାରତ ଏହାର ସଫଳତାର ସହ ମୁକାବିଲା କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରରେ ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ଏବଂ ଆବାସ ଯୋଜନାରେ ଘର ଆବଣ୍ଟନ କରିଛନ୍ତି । ଭୁବନେଶ୍ୱର ଘାଟିକିଆଠାରେ ନୀଳକଣ୍ଠେଶ୍ୱର ମୁକ୍ତେଶ୍ୱର ଆବାସ ଯୋଜନାର ଲୋକାର୍ପଣ କରିଛନ୍ତି । ଯୋଜନାରେ ଗରିବ ଲୋକଙ୍କୁ ୧ ହଜାର ୬୦୮ଟି ଘର ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ଅର୍ବାନ୍ ବନ୍ଧୁ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଯୋଜନାରେ ସରକାର ସୁଲଭ ମୂଲ୍ୟରେ ଲୋକଙ୍କୁ

ଭଡ଼ାରେ ଘର ଯୋଗାଇଦେବେ । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରରେ ଏଥିପାଇଁ ୩୦୦ ଘର ନିର୍ମାଣ କରାଯିବା ନେଇ ନିଷ୍ପତ୍ତି ହୋଇଛି ।

କ୍ରୀଡ଼ା ଭିତ୍ତିଭୂମିର ବିକାଶ ଏବଂ ଯୁବପିଢ଼ିଙ୍କ ଖେଳକୁଦ ପାଇଁ ଉନ୍ନତ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ବିଭିନ୍ନ ଅଞ୍ଚଳ ଓ ବିଦ୍ୟାଳୟ ପରିସରରେ ମୋଟ୍ ୧୨ଟି ଖେଳପଡ଼ିଆର ବିକାଶ କରାଯାଇଛି । ମୁଖ୍ୟମନ୍ତ୍ରୀ ଘାଟିକିଆଠାରେ ବଜରଙ୍ଗୀ ଖେଳପଡ଼ିଆର ଲୋକାର୍ପଣ କରିଛନ୍ତି । ଏହି ଆଧୁନିକ କ୍ରୀଡ଼ା ପ୍ରକଳ୍ପ ସ୍ଥାନୀୟ କ୍ରୀଡ଼ାବିତ୍ ଏବଂ ଯୁବପ୍ରତିଭାଙ୍କୁ ଉନ୍ନତ ପ୍ରଶିକ୍ଷଣ ସହ ନିଜ ଦକ୍ଷତା ପ୍ରଦର୍ଶନ ପାଇଁ ଉତ୍ତମ ସୁଯୋଗ ଯୋଗାଇ ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜଧାନୀର ବିଭିନ୍ନ ସ୍ଥାନରେ ଥିବା ଖେଳପଡ଼ିଆଗୁଡ଼ିକ ସ୍ଥାନୀୟ ଅଞ୍ଚଳର ଶିଶୁ, କିଶୋର, ଯୁବକ ଓ କ୍ରୀଡ଼ାପ୍ରେମୀଙ୍କୁ ଖେଳକୁଦ, ଶାରୀରିକ ବ୍ୟାୟାମ ଓ କ୍ରୀଡ଼ା ଅଭ୍ୟାସ ପାଇଁ ସୁଯୋଗ ଯୋଗାଇଦେବ, ଯାହାଦ୍ୱାରା ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହନ ମିଳିପାରିବ ବୋଲି ଶ୍ରୀ ମାଝୀ କହିଛନ୍ତି ।

କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ବିଡିଏ ଅଧ୍ୟକ୍ଷ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ ।

**ଏମ୍‌ଡିଆର**

ଦୀପାବଳି ପରେ ବ୍ୟବସାୟିକ ନେଣଦେଣ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଓ ବ୍ୟବସାୟୀଙ୍କ ଆର୍ଥିକ କାରବାର ମଧ୍ୟରେ ୟୁପିଆଇ ମର୍ଚ୍ଚାଣ୍ଟ ଡିସ୍କାଉଣ୍ଟ ରେଟ୍-ଏମ୍‌ଡିଆର୍ ଲାଗୁ ହେବ । ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ସାମାଜିକ ଗଣମାଧ୍ୟମ ପୋଷ୍ଟରେ ନ୍ୟାଶନାଲ୍ ପେମେଣ୍ଟ୍ କର୍ପୋରେସନ ଅଫ୍ ଇଣ୍ଡିଆ-ଏମ୍‌ପିସିଆଇ ପକ୍ଷରୁ କୁହାଯାଇଛି । ଏମ୍‌ଡିଆର ଶୁଳ୍କ କେବଳ ୨ହଜାର ଟଙ୍କାରୁ ଅଧିକ କାରବାର ଉପରେ ଶୂନ୍ ଦଶମିକ ୪ ପ୍ରତିଶତ ଏବଂ ୭୫ ହଜାରରୁ ଊର୍ଦ୍ଧ୍ୱ କାରବାର ଉପରେ ସର୍ବାଧିକ ୩୦୦ ଟଙ୍କା ଲାଗୁ ନେଇ ନିୟମରେ ବ୍ୟବସ୍ଥା ରହିଛି ।

## ନବରାତ୍ରି

ଶାରଦୀୟ ନବରାତ୍ରରେ ନଅଦିନ ଧରି ମା’ ଦୁର୍ଗା ଏବଂ ତାଙ୍କର ୯ଟି ଭିନ୍ନସ୍ୱରୂପକୁ ବିଧିବିଧାନ ସହକାରେ ପୂଜା କରାଯିବାର ପରମ୍ପରା ରହିଅଛି। ଆଜି ମା’ଙ୍କ ତୃତୀୟ ସ୍ୱରୂପ ମା’ ଚନ୍ଦ୍ରଘଣ୍ଟାଙ୍କ ପୂଜା କରାଯାଉଛି। ବ୍ରତଧାରୀମାନେ ନିଷ୍ଠାର ସହ ମା’ଙ୍କୁ ଉପାସନା କରୁଛନ୍ତି। ମା’ଙ୍କ ମସ୍ତକରେ ଶୋଭା ପାଉଥିବା ଅର୍ଦ୍ଧଚନ୍ଦ୍ର ଘଣ୍ଟା ଆକୃତିର ହୋଇଥିବାରୁ ମା’ଙ୍କୁ ଚନ୍ଦ୍ରଘଣ୍ଟା କୁହାଯାଏ । ଦଶଭୁଜା ମାଆ ବ୍ୟାଘ୍ର ଉପରେ ବିରାଜମାନ କରିଥାନ୍ତି । ମା’ଙ୍କ ଦିବ୍ୟ ସ୍ୱରୂପ’ ଶକ୍ତି, ସାହସ, ନିର୍ଭୀକତା ଓ ଶାନ୍ତିର ପ୍ରତୀକ । ପରମ୍ପରା ଅନୁସାରେ, ମାଆ ପାର୍ବତୀ

ଭଗବାନ ଶିବଙ୍କୁ ବିବାହ କରିବା ପରେ ଚନ୍ଦ୍ରଘଣ୍ଟା ରୂପ ଧାରଣ କରିଥିଲେ ବୋଲି ବିଶ୍ୱାସ ରହିଛି । ତାଙ୍କର ଘଣ୍ଟନାଦ ଦୁଷ୍ଟଶକ୍ତିକୁ ଦୂର କରିବା ଏବଂ ଭକ୍ତଙ୍କୁ ନିର୍ଭୟତା ପ୍ରଦାନ କରିଥାଏ ।

## ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ

ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ ପାଳନ କରାଯାଉଛି । ବିପର୍ଯ୍ୟୟ ସଂପର୍କିତ ସମସ୍ୟାକୁ ରୋକିବା ଏବଂ ଏହାର ମୁକାବିଲା ପାଇଁ ୧୯୮୯ ମସିହାରେ ସଂଯୁକ୍ତ ରାଷ୍ଟ୍ର ମହାସଭା ପକ୍ଷରୁ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି **ପରିବାରରୁ ପ୍ରସ୍ତୁତି ଆରମ୍ଭ ।**

ବିପର୍ଯ୍ୟୟ ପରିଚାଳନାର ମୂଳ ଲକ୍ଷ୍ୟ ହେଉଛି ବିପଦକୁ ଚିହ୍ନଟ, କ୍ଷୟକ୍ଷତି ହ୍ରାସ ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ପର୍ଯ୍ୟାୟରେ ଜୀବନ ଧାରଣ ମାନକୁ ସ୍ୱାଭାବିକ କରିବା । ଓଡ଼ିଶା ଭଳି ବିପର୍ଯ୍ୟୟ ପ୍ରବଣ ରାଜ୍ୟରେ ବିପର୍ଯ୍ୟୟ ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତି, ଆଶ୍ରୟସ୍ଥଳୀ, ଉଦ୍ଧାରକାର୍ଯ୍ୟ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ବିପଦ ସମୟରେ ପ୍ରଶାସନ ସହିତ ସ୍ୱେଚ୍ଛାସେବୀ, ଉଦ୍ଧାରକାରୀ ଦଳ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସମନ୍ୱିତ ଭାବେ କାର୍ଯ୍ୟ

କରୁଛନ୍ତି । ରାଜ୍ୟ ସରକାର ପ୍ରତ୍ୟେକ ବିପର୍ଯ୍ୟୟ ସମୟରେ ଶୂନ୍ୟ ମୃତାହତ ଦିଗରେ କାର୍ଯ୍ୟ କରି ବିଶ୍ୱସ୍ତରରେ ଏକ ରୋଲ୍ ମଡେଲ୍ ସ୍ଥାପନ କରିଛନ୍ତି ।

ବିପର୍ଯ୍ୟୟର ମୁକାବିଲା ପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ-ଓସ୍‌ଡମା କାର୍ଯ୍ୟ କରୁଛି । ସେହିପରି ଉଦ୍ଧାର, ସ୍ଥାନାନ୍ତର ଓ ଜରୁରୀକାଳୀନ ମୁକାବିଲା ପାଇଁ ଓଡ୍ରାଫ୍ ଦଳ କାର୍ଯ୍ୟ କରୁଛି । ବିଭିନ୍ନ ଜିଲ୍ଲା ଓ ଗ୍ରାମାଞ୍ଚଳରେ ମକ୍‌ଡ୍ରିଲ୍ ମାଧ୍ୟମରେ ନିରାପଦ ସ୍ଥାନାନ୍ତର, ପ୍ରାଥମିକ ଚିକିତ୍ସା ଏବଂ ଉଦ୍ଧାର ପ୍ରକ୍ରିୟା ସଂପର୍କରେ ପ୍ରଶିକ୍ଷଣ ଦିଆଯାଉଛି । ବିପର୍ଯ୍ୟୟ ପରିଚାଳନା କେବଳ ସରକାର କିମ୍ବା ପ୍ରଶାସନର ଦାୟିତ୍ୱ ନୁହେଁ, ଏହା ଏକ ସାମୂହିକ ଦାୟିତ୍ୱ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିର ଦିନରେ ଓଡ଼ିଶାକୁ ବିପର୍ଯ୍ୟୟର ମୁକାବିଲା ପାଇଁ ଅଧିକ ସକ୍ଷମ ଓ ସୁରକ୍ଷିତ କରିବା ନିମନ୍ତେ ରାଜ୍ୟର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତିକୁ ସୁଦୃଢ଼ କରିବା, ଜନସଚେତନତା ବୃଦ୍ଧି ଓ ସାମୂହିକ ପ୍ରୟାସ ଉପରେ ଶ୍ରୀ ମାଝୀ ଗୁରୁତ୍ୱାରୋପ କରିଛନ୍ତି ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତି ସଚେତନତା ଓ ସାମୂହିକ ପଦକ୍ଷେପରୁ ଆରମ୍ଭ ହୋଇଥାଏ । ବିପଦକୁ ହ୍ରାସ କରିବା ଏବଂ ଏକ ସୁରକ୍ଷିତ ଆସନ୍ତାକାଲି ପାଇଁ ବିପର୍ଯ୍ୟୟ

ସହନଶୀଳ ସମୁଦାୟ ଗଠନ କରିବାକୁ ଶ୍ରୀ ସିଂହଦେଓ ଆହ୍ୱାନ ଦେଇଛନ୍ତି ।

## ସଚେତନତା

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସେବା ସଂକଳ୍ପ ଅଭିଯାନରେ ରଙ୍ଗୋଲୀ ରାଷ୍ଟ୍ର ବିଷୟବସ୍ତୁ ଆଧାରିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ ଆଲୋଚନା ହୋଇଥିଲା । ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମରେ ଉପସ୍ଥିତ ହସ୍ତଶିଳ୍ପୀ, ବୁଣାକାର, ଚାଷୀ, ସ୍ୱୟଂସହାୟକ ଗୋଷ୍ଠୀ ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା ।

## ତୀର୍ଥଯାତ୍ରା ଯୋଜନା

କେନ୍ଦୁଝର ଜିଲ୍ଲାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ୧୪୦ଜଣ ବରିଷ୍ଠ ନାଗରିକ ବାରାଣସୀ ଏବଂ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଛନ୍ତି । ଏହି ୭ ଦିନିଆ ଯାତ୍ରାକାଳରେ ତୀର୍ଥଯାତ୍ରୀଙ୍କ ସୁରକ୍ଷା ତଥା ସୁପରିଚାଳନା ନିମନ୍ତେ ଜଣେ ସହଯୋଗୀ ଅଧିକାରୀ ସେମାନଙ୍କ ସହ ଯାତ୍ରା କରିଛନ୍ତି ।

## ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗର ନିକଟବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହୋଇଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ

ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ୧୭ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।